ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/SSEPD (OD)/1095/06-10-2023

# ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟରର ସେବା ସଂପ୍ରସାରିତ ହେବ
## ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି

ଭୁବନେଶ୍ୱର, ତା.୦୬/୧୦/୨୦୨୩

ଖୋର୍ଦ୍ଧା ଜିଲ୍ଲା ଗୁରୁଜଙ୍ଗଠାରେ ପ୍ରତିଷ୍ଠିତ ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟରର ବିଭିନ୍ନ ସେବାକୁ ସଂପ୍ରସାରିତ କରିବା ନିମନ୍ତେ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଛି । ଚଳନବାଧିତଙ୍କ ପାଇଁ ପ୍ରସିଦ୍ଧ ଜୟପୁର ଫୁଟ୍ ପ୍ରସ୍ତୁତିରେ ୫୦ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ଲୋକପ୍ରିୟତା ଅର୍ଜନ କରିଥିବା ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତି, ଜୟପୁର ଏବଂ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଉଦ୍ୟମରେ ସ୍ଥାପିତ ଏହି ଫୁଟ୍ ସେଣ୍ଟର ଖୋର୍ଦ୍ଧା ଜିଲ୍ଲା ସହିତ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକୁ ସେବା ଯୋଗାଇଦେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

ଚଳିତ ବର୍ଷ ଅପ୍ରେଲ ୧୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ଫୁଟ୍ ସେଣ୍ଟର ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ୪୦୦ରୁ ଅଧିକ ହିତାଧିକାରୀ ଏହି କେନ୍ଦ୍ର ଦ୍ୱାରା ଉପକୃତ ହେଲେଣି । ଭିନ୍ନକ୍ଷମମାନଙ୍କ ସୁବିଧା ଦୃଷ୍ଟିରୁ ଫୁଟ୍ ସେଣ୍ଟରର ସେବା ଖୋର୍ଦ୍ଧା ସମେତ ଗଞ୍ଜାମ, ପୁରୀ, କଟକ ଓ ନୟାଗଡ଼ ଜିଲ୍ଲାକୁ ସଂପ୍ରସାରିତ କରାଯିବ । କେନ୍ଦ୍ରର ଭ୍ରାମ୍ୟମାଣ ଯାନ ସହାୟତାରେ ବିଭିନ୍ନ ସେବା ଯୋଗାଇ ଦିଆଯିବ । ଏହି କେନ୍ଦ୍ର କୃତ୍ରିମ ଗୋଡ଼ ସମେତ ଟ୍ରାଇ-ସାଇକେଲ୍, ଆଶାବାଡ଼ି ତଥା ଅନ୍ୟାନ୍ୟ ସହାୟକ ଉପକରଣ ଯୋଗାଇ ଦେଉଛି । ସଂପ୍ରସାରିତ ସେବା ଫଳରେ ଅଧିକ ସଂଖ୍ୟକ ଭିନ୍ନକ୍ଷମ ଉପକୃତ ହେବା ଲକ୍ଷ୍ୟରେ ଉପରୋକ୍ତ ପଦକ୍ଷେପ ନିଆଯାଇଛି ।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ଆଭାସୀ ବୈଠକରେ ବିଭାଗର ବରିଷ୍ଠ ପଦାଧିକାରୀମାନଙ୍କ ସମେତ ସଂପୃକ୍ତ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳ, ଅନ୍ୟାନ୍ୟ ପଦାଧିକାରୀ ଓ ଭୁବନେଶ୍ୱର ମହାନଗର ନିଗମର କମିଶନର ତଥା ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ।

ସୂର୍ଯ୍ୟ ମିଶ୍ର
ସୂଚନା ଅଧିକାରୀ